# Akashvani, Sambalpur

## SAMBALPURI NEWS EVENING BULLETIN

**2 June 2024- 7.02 pm- 7.12 pm.**

*********************************************

୧- ସାଧାରଣ ନିର୍ବାଚନ୍‌ର ଭୋଟ୍ ସଏଲା ।

- ରାଏଜେ ଶେଷ୍ ଖେପେ ହେଲା ୭୦ ଦଶ୍‌ମିକ୍ ୬/୭ ପ୍ରତିଶତ୍ ମତଦାନ୍ ।

୨- ଆଏବା ମଙ୍ଗଲ୍‌ବାର୍ ସଖାଲର୍ ୮ ବଜୁ ମୁଲ୍ ହେବା ଭୋଟ୍‌ଗନ୍ତି ।

- ରାଏଜେ ମୁତୟନ୍ ହେବେ ୭୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ।

୩- ପୁରୀ ଫଟ୍‌କା ଦୁର୍ଘଟଣାଥି ମୃତ୍ୟୁ ସଂଖ୍ୟା ୧୩ କେ ବଢ଼୍‌ଲା ।

ଆଉର୍

୪- ବର୍‌ଗଡ଼୍ ଆର୍ ବଲାଙ୍ଗିର୍ ନ ଆଏବା କାଏଲ୍ ରହେବା ଜବର୍ ଗ୍ରୀଷ୍ମପ୍ରବାହ ଥିତି ।

ଶେଷ୍ ଖେପ୍ ନିର୍ବାଚନ୍ ଆର୍ଏନ୍ୟୁ/ କଟକ୍

ଦେଶେ ଅଷ୍ଟାଦଶ ଲୋକ୍ସଭା ଆଉ ଓଡ଼ିଶା, ଆନ୍ଧ୍ରପ୍ରଦେଶ୍, ଅରୁଣାଚଲ୍ ପ୍ରଦେଶ୍ ଆର୍ ସିକିମ୍ ବିଧାନ୍ସଭା ଲାଗି ୭ ଟା ଖେପେ ଭୋଟ୍ ଶେଷ୍ ହେଇଛେ ।

ଗଲାକାଏଲ୍ ଶେଷ୍ ଖେପେ ଓଡ଼ିଶା ସହେତେ ୭ ଟା ରାଜ୍ୟ ଆର୍ ଗୁଟେ କେନ୍ଦ୍ରଶାସିତ୍ ଅଂଚଲ୍ଥି ଭୋଟ୍ ହେଇଥିଲା । ଇ ଶେଷ୍ ଖେପେ ଓଡ଼ିଶାର୍ ୬ ଟା ଲୋକ୍ସଭା ଆସନ୍ ବାଲେଶ୍ୱର୍, ଭଦ୍ରକ୍, ଜଗତ୍ସିଂହପୁର୍, ଯାଜ୍ପୁର୍, କେନ୍ଦ୍ରାପଡ଼ା ଆର୍ ମୟୁର୍ଭଞ୍ଜ୍ ଆଉ ହେତାର୍ ଅଧୀନ୍ଥି ଥିବା ୪୨ ଟା ବିଧାନ୍ସଭା ଆସନ୍ ଲାଗି ଭୋଟ୍ ହେଇଥିଲା । ହେଥି ମୋଟ୍ ୭୦ ଦଶ୍ମିକ୍ ୬/୭ ପ୍ରତିଶତ୍ ମତଦାନ୍ ହେଇଥିବାର୍ ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ ସୂଚ୍ନା ଦେଇଛନ୍ । ସୂଚ୍ନା ଅନ୍ସାରେ ସଂସଦୀୟ କ୍ଷେତ୍ର ମାନ୍କର୍ ଭିତ୍ରୁ ବାଲେଶ୍ୱର୍ ନ ୭୦ ଦଶ୍ମିକ୍ ୪/୧ ପ୍ରତିଶତ୍, ଭଦ୍ରକ୍ ନ ୭୦ ଦଶ୍ମିକ୍ ୩/୪ ପ୍ରତିଶତ୍, ଜଗତ୍ସିଂହପୁର୍ ନ ୭୩ ଦଶ୍ମିକ୍ ଶୂନ/୬ ପ୍ରତିଶତ୍, ଯାଜ୍ପୁର୍ ନ ୬୭ ଦଶ୍ମିକ୍ ୯/୧ ପ୍ରତିଶତ୍, କେନ୍ଦ୍ରାପଡ଼ା ନ ୬୮ ଦଶ୍ମିକ ୬/୪ ପ୍ରତିଶତ୍, ମୟୁର୍ଭଞ୍ଜ୍ ନ ୭୩ ଦଶ୍ମିକ୍ ୮/୧ ପ୍ରତିଶତ୍ ମତଦାନ୍ ହେଇଛେ । ସେନ୍ତା ୪୨ ଟା ବିଧାନ୍ସଭା

ଆସନ୍ ଲାଗି ହେଇଥିବା ଭୋଟ୍‌ଥି ବାଙ୍ଗିରିପୋଷି ନ ସବୁନୁ ଅଏତ୍‌କା ୭୭ ଦଶ୍‌ମିକ୍ ୫/ ୨ ପ୍ରତିଶତ୍ ମତଦାନ୍ ହେଇଛେ ।

ଆଏବା ୪ ତାରିଖ୍ ମଙ୍ଗଲ୍‌ବାର୍ ଦିନ ଭୋଟ୍ ଗନ୍‌ତି ସାଙ୍ଗେ ଫଲାଫଲ୍ ବାହାର୍‌ବା । ଗଲାକାଏଲ୍ ଶେଷ୍ ଖେପ୍ ଭୋଟ୍ ଉତ୍‌ରୁ ଭିନ୍ ଭିନ୍ ସଂସ୍ଥାର୍ ବୁଥ୍ ବାହୁଡ଼ା ମତ ଅନ୍‌ସାରେ କେନ୍ଦ୍ର ନ ବିଜେପି ନେତୃତ୍ୱଥି ଏନ୍‌ଡିଏକେ ୩ ଶହ ୫୦ ନୁ ଅଏତ୍‌କା ଆସନ୍ ମିଲ୍‌ବା ବଲି ଆକଲନ୍ କରାଯାଇଛେ ।

ଇନ ଜନେଇ ଦିଆଯାଇପାରେ ଯେ, ଲୋକ୍‌ସଭା ନିର୍ବାଚନ୍‌ର ପହେଲା ଖେପେ ଏପ୍ରିଲ୍ ମାସ ୧୯ ତାରିଖ୍ ଦିନ ଶହେ ୨ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେଇଥିଲା । ସେନ୍ତା ଏପ୍ରିଲ୍ ୨୬ ତାରିଖ୍ ଦିନ ୨ ନମ୍ବର୍ ଖେପ୍‌ଥି ୮୯ ଟା ଲୋକ୍‌ସଭା ଆସନ୍, ମେ ୭ ତାରିଖ୍ ଦିନ ୩ ନମ୍ବର୍ ଖେପେ ୯୪ ଟା, ମେ ୧୩ ତାରିଖ୍ ଦିନ ୪ ନମ୍ବର୍ ଖେପେ ୯୬ ଟା, ମେ ୨୦ ତାରିଖ୍ ଦିନ ୫ ନମ୍ବର୍ ଖେପେ ୪୯ ଟା ଆର୍ ୬ ନମ୍ବର୍ ଖେପେ ମେ ୨୫ ତାରିଖ୍ ଦିନ ୯୭ ଟା ଲୋକ୍‌ସଭା ଆସନ୍ ଲାଗି ଭୋଟ୍ ହେଇଥିଲା ।

ରାଏଜେ ଇଥର ଶହେ ୪୭ ଟା ବିଧାନ୍‌ସଭା ଆସନ୍ ଲାଗି ୧ ହଜାର୍ ୨ ଶହ ୮୫ ଝନ୍ ପ୍ରାର୍ଥୀ ନିର୍ବାଚନ୍‌ଥି ପ୍ରତିଦ୍ୱନ୍ଦିତା କରିଛନ୍ ।

ଭୋଟ୍‌ଗନ୍‌ତି ଆର୍‌ଏନ୍‌ୟୁ/ ସମ୍ବଲପୁର୍/ କଟକ୍

ଲୋକସଭା ଆର୍ ଓଡ଼ିଶା ଆର୍ ଆନ୍ଧ୍ରପ୍ରଦେଶ୍ ବିଧାନ୍‌ସଭା ଆସନ୍ ଲାଗି ହେଇଥିବା ଭୋଟ୍‌ର ଗନ୍‌ତି ଆଏବା ୪ ତାରିଖ୍ ମଙ୍ଗଲ୍‌ବାର୍ ସଖାଲର ୮ ବଜୁ ମୁଲ୍ ହେବା । ହେଥିର୍‌ଲାଗି ପ୍ରସ୍ତୁତି ବାବ୍‌ଦେ ମୁଖ୍ୟ ନିର୍ବାଚନ୍ ଆୟୁକ୍ତ ରାଜୀବ୍ କୁମାର୍, ନିର୍ବାଚନ ଆୟୁକ୍ତ ଜ୍ଞାନେଶ୍ କୁମାର୍ ଆର୍ ଡକ୍ଟର୍ ସୁଖବୀର୍ ସିଂ ସନ୍ଧୁ ସବୁ ରାଜ୍ୟର୍ ମୁଖ୍ୟ ନିର୍ବାଚନ୍ ଅଧିକାରୀ ଆର୍ ରିଟର୍ଣ୍ଣିଂ ଅଫିସର୍‌ମାନ୍‌କର୍ ସାଙ୍ଗେ ସମୀକ୍ଷା କରିଛନ୍ । ସୂଚ୍‌ନା ଅନ୍‌ସାରେ ରାଉଣ୍ଡ୍‌ୱାରି ଭୋଟ୍ ଗନ୍‌ତିର ଧାରା ଆର୍ ଫଲାଫଲ୍ ନିର୍ବାଚନ୍ ଆୟୋଗ୍‌ର ୱେବ୍‌ସାଇଟ୍ results.eci.gov.in ଆର୍ ଭୋଟର୍ ହେଲ୍ପ ଲାଇନ୍ ଆପ୍‌ଥି ମିଲିପାର୍‌ବା । ଭୋଟର୍ ହେଲ୍ପଲାଇନ୍ ଆପ୍‌କେ ଗୁଗୁଲ୍ ପ୍ଲେ ଷ୍ଟୋର୍ କି ଆପଲ୍ ପ୍ଲେ ଷ୍ଟୋର୍‌ନୁ ଡାଉନ୍‌ଲୋଡ୍ କରାଯାଇପାର୍‌ବା ।

ରାଏଜେ ଇଭିଏମ୍ ରଖାଯାଇଥିବା ଷ୍ଟ୍ରଙ୍ଗ୍‌ରୁମ୍ ଆର୍ କାଉଂଟିଙ୍ଗ୍ ସେଂଟର୍‌ମାନ୍‌କୁ ୭୦ କମ୍ପାନୀ କେନ୍ଦ୍ରୀୟ ସଶସ୍ତ୍ର ପୁଲିସ୍ ବାହିନୀ ସିଏପିଏଫ୍ ମୁତୟନ୍ ରହେବେ ବଲି ରାଜ୍ୟ ମୁଖ୍ୟ ନିର୍ବାଚନ୍ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ ।

ପୁରୀ – ଅଗ୍ନିକାଣ୍ଡ          ଆର୍‌ଏନ୍‌ୟୁ/ କଟକ

ପୁରୀ ନରେନ୍ଦ୍ର ପୋଖରୀ ପାଶେ ହେଇଥିବା ଫଟ୍କା ଦୁର୍ଘଟଣାଥି ମୃତ୍ୟୁ ସଂଖ୍ୟା ୧୩ କେ ବଢ଼ିଥିବାର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ ସୂଚ୍ନା ଦେଇଛନ୍ । ସୂଚ୍ନା ଅନ୍ସାରେ ଇହାଛିନ୍ ଦୁର୍ଘଟଣାଥି ୧୭ ଝନ୍ ଭିନ୍ ଭିନ୍ ଡାକ୍ତର୍ଖାନାଥି ଚିକିସ୍ଥିତ୍ ହେଉଛନ୍ । ସେଆଡ଼େ ମୃତକମାନ୍କର୍ କୁଟୁମ୍ ଲୁକ୍କୁ ୪ ଲାଖ୍ ଟଙ୍କା ଲେଖା ଅନୁକମ୍ପାମୂଲକ୍ ଅନୁଦାନ୍ ଦେବାର୍ ଲାଗି ମୁଖ୍ୟମନ୍ତ୍ରୀଙ୍କର୍ ଘୋଷ୍ନା ଅନ୍ସାରେ ପୁରୀ ଜିଲ୍ଲାପାଲ୍ ପଦକ୍ଷେପ୍ ମୁଲ୍ କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଗଲା ବୁଧବାର୍ ଦିନ ନରେନ୍ଦ୍ର ପୁଷ୍କିରିଣୀ ନ ଶ୍ରୀଜୀଉଙ୍କର୍ ଭଉଁରୀ ଯାତ୍ରା ବେଲେ ଫଟ୍କା ଦୁର୍ଘଟଣା ହେଇଥିଲା ।

ସିଡିଏସ୍ ଅନୀଲ୍ ଚୌହାନ                ଆର୍ଏନ୍ୟୁ/ ସମ୍ବଲ୍ପୁର୍

ଚିଫ୍ ଅଫ୍ ଡିଫେନ୍ସ ଷ୍ଟାଫ୍- ସିଡିଏସ୍ ଅନୀଲ୍ ଚୌହାନ୍ ଗଲାକାଏଲ୍ ଆଇଏନ୍ଏସ୍ ଚିଲିକା ନ ଥିବା ଭାରତୀୟ ନୌସେନାର ଅଗ୍ନିବୀର ମାନ୍କର୍ ଅଗ୍ରଣୀ ତାଲିମ୍ ଅନୁଷ୍ଠାନ୍ ପରିଦର୍ଶନ୍ କରିଛନ୍ । ଇ ଗସ୍ତ ଅବ୍ସରେ ସେ କହିଛନ୍ ଯେ, ସେନାଥି ଯୁବ ମାନସିକତା ବଜାୟ ରଖିବାର୍ ଲାଗି ଅଗ୍ନିବୀର ଯୋଜ୍ନା କରାଯାଇଛେ । ଅଗ୍ନିବୀର ମାନେ ତାକର୍ ତାଲିମ୍ ଉପ୍ରେ ଅଏତ୍କା ଧ୍ୟାନ୍ ଦେଲେ ନିଯୁକ୍ତି

ଦୃଷ୍ଟିନୁ କୁଶଳୀ ଯୋଦ୍ଧା ହେଇପାର୍‌ବେ ବଲି ସେ କହିଛନ୍ । ସିଡିଏସ୍ ଶ୍ରୀ ଚୌହାନ୍ ଅଗ୍ନିବୀର ପ୍ରଶିକ୍ଷାର୍ଥୀମାନ୍‌କର୍ ସାଙ୍ଗେ ସିଧାସଲଖ୍ କଥା ଭିଲ୍ ହେଇଥିଲେ ।

ଅସ୍ୱାଭାବିକ୍ ମୃତ୍ୟୁ-ରାଷ୍ଟ୍ରପତି ଶୋକ

ଏନ୍‌ଏସ୍‌ଡି/ପ୍ରେସ୍‌ରିଲିଜ୍

ଦେଶର୍ ଖୋବ୍ ଇଲାକା ନ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ରାଏଜେ ଗଲା କାଏଲ୍‌ତକ୍ ଶହେ ୪୧ ଝନ୍‌କର୍ ଅସ୍ୱାଭାବିକ୍ ମୃତ୍ୟୁ ହେଇଥିବାର୍ ବେଲେ ୨୬ ଝନ୍‌କର୍ ଝାଉ ମାର୍‌ବାର୍‌ନୁ ଜୀବନ୍ ଯାଇଛେ ବଲି ସର୍‌କାରୀ ଭାବେ କୁହାଯାଇଛେ । ଇତାର୍‌ଛଡ଼ା ୮ ଝନ୍‌କର୍ ମୃତ୍ୟୁ ଝାଉଥି ନାଇଁ ହେଇଥିବାର୍ ବେଲେ ବାକି ଶହେ ୭ ଝନ୍‌କର୍ ମୃତ୍ୟୁ ବାବଦ୍ ତଦନ୍ତ୍ ଚାଲିଛେ । ମୁଖ୍ୟ ଶାସନ୍ ସଚିବ ପ୍ରଦୀପ୍ କୁମାର୍ ଜେନା ଆର୍ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ସତ୍ୟବ୍ରତ ସାହୁ ଭିନ୍ ଭିନ୍ ଜିଲ୍ଲାପାଲ୍‌ମାନ୍‌କର୍ ସାଙ୍ଗେ ଥିତିର୍ ସମୀକ୍ଷା କରିଛନ୍ । ସମୀକ୍ଷା କର୍‌ବାର୍ ସଙ୍ଗେ ଗ୍ରୀଷ୍ମପ୍ରବାହ ଥିତିଥି ସତର୍କତା ନିୟମାବଲୀ ପାଲନ୍ ଉପ୍‌ରେ ଜୋର୍ ଦେଇଛନ୍ । ସ୍ୱତନ୍ତ୍ର ରିଲିଫ୍ କମିଶନର୍‌ଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ଥିତି ଉପ୍‌ରେ ଦିନ୍‌ରାତି ନଜର୍ ରଖାଯାଇଛେ । ଅସ୍ୱାଭାବିକ୍ ମୃତ୍ୟୁର କାରଣ୍ ଜାନ୍‌ବାର୍‌କେ ରାଜସ୍ୱ ଆର୍ ସ୍ୱାସ୍ଥ୍ୟ

ଅଧିକାରୀମାନେ ମିଲିତ୍ ଭାବେ ତଦନ୍ତ୍ କର୍‌ବାର୍‌କେ ନିର୍ଦ୍ଦେଶ୍ ଦିଆଯାଇଛେ । ଲୁକେ ଦିନର୍ ୧୦- ୧୧ ବଜୁ ଉପର୍‌ବେଲା ୩ ବଜାତକ୍ ଖୋବ୍ ଦର୍‌କାର୍ ନାଇଁଥିଲେ ବାହାର୍‌କେ ନାଇଁ ବାହାରବାର୍‌କେ କୁହାଯାଇଛେ ।  ଖୋବ୍ ଦର୍‌କାର୍ ଥିଲେ ସାଙ୍ଗେ ଛତା, ପାଏନ୍‌ବୁତଲ୍ ଆର୍ ଉଦା ଅଙ୍ଗ୍‌ଛି ଧରିକରି ଯିବାର୍‌କେ ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ଅନୁରୋଧ୍ କରାଯାଇଛେ ।

ସମ୍ବଲ୍‌ପୁର୍ ଜିଲ୍ଲା ନ ଗଲା ୪ ଦିନେ ୫ ଝନ୍‌କର୍ ଝାଉମରାଥି ଜୀବନ୍ ଯାଇଛେ ବଲି ସର୍‌କାରୀ ଭାବେ କୁହାଯାଇଛେ । ସୂଚ୍‌ନା ଅନ୍‌ସାରେ ଜିଲ୍ଲା ନ ୧୬ ଝନ୍‌କର୍ ଅସ୍ୱାଭାବିକ୍ ମୃତ୍ୟୁ ଅଭିଯୋଗ୍ ହେଇଥିଲା । ସେ ଭିତ୍‌ରୁ ୫ ଝନ୍‌କର୍ ମୃତ୍ୟୁ ଅଂଶୁଘାତ ଜନିତ ଆଏ ବଲି ଜିଲ୍ଲା ପ୍ରଶାସନ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ବାହାନଗା ରେଲ୍ ଦୁର୍ଘଟଣା- ୧ ବର୍ଷ     ଆର୍‌ଏନ୍‌ୟୁ/କଟକ୍

ବାଲେଶ୍ୱର୍ ଜିଲ୍ଲା ବାହାନଗା ଠାନେ ହେଇଥିବା ରେଲ୍ ଦୁର୍ଘଟଣାକେ ଆଏଜ୍ ବର୍ଷେ ପୁରିଛେ । ହେ ଦୁର୍ଘଟଣାଥି କରମଣ୍ଡଳ ଏକ୍ସପ୍ରେସ୍ ଟ୍ରେନ୍ ଲାଇନ୍‌ନୁ ଖସ୍‌ରିକରି ଗୁଟେ ମାଲ୍‌ବାହୀ ଟ୍ରେନ୍ ଉପ୍‌ରେ ଚଢ଼ିଯିବାର୍ ସଙ୍ଗେ ସାମ୍ନା ଆଡୁ ଆସୁଥିବା ଯଶ୍‌ୱନ୍ତ୍‌ପୁର୍-ହାଓ୍ୱଡ଼ା ଏକ୍ସପ୍ରେସ୍ ଟ୍ରେନ୍ ସାଙ୍ଗେ

ଧକ୍କା ହେଇଥିଲା । ହେ ଦୁର୍ଘଟଣାଥି ୨ ଶହ ୯୩ ଲୁକ୍କର୍ ଜୀବନ୍ ଯାଇଥିବାର୍ ବେଲେ ହଜାରେ ନୁ ଅଏତ୍କା ଲୋକ୍ ଜଖମ୍ ହେଇଥିଲେ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ, ମୁଖ୍ୟମନ୍ତ୍ରୀ ନବୀନ୍ ପଟ୍ଟନାୟକ୍ ଆର୍ ପଶ୍ଚିମବଙ୍ଗର୍ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଘଟ୍‌ନା ଜାଗା ପରିଦର୍ଶନ୍ କରିଥିବାର୍ ବେଲେ ରେଲ୍‌ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ୍ ଘଟ୍‌ନା ଜାଗା ନ ରହିକରି ଉଦ୍ଧାର୍ କାମ୍‌ର ତଦାରଖ୍ କରିଥିଲେ ।

କେନ୍ଦ୍ର ଅର୍ଥମନ୍ତ୍ରୀ ବେଙ୍କ୍ କ୍ଷେତ୍ର ଆର୍‌ଏନ୍‌ୟୁ/ କଟକ୍

୨୦୧୪ ନୁ ୨୦୨୩ ମସିହା ଭିତ୍‌ରେ ଅନାଦେୟ ଋଣନୁ ୧୦ ଲାଖ୍ କୋଟି ଟଙ୍କା ବେଙ୍କ୍ ମାନ୍‌କୁ ଫିରିଛେ ବଲି କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ୍ କହିଛନ୍ । ସେ କହିଛନ୍ ଯେ, ବେଙ୍କିଙ୍ଗ୍ କ୍ଷେତ୍ର ନ କେନ୍ଦ୍ର ସର୍‌କାର୍‌ଙ୍କର୍ ଭିନ୍ ଭିନ୍ ସୁଧାର୍ ଆର୍ ଉନ୍ନତ୍ ଶାସନ୍ ଜରିଆଥି ଅନାଦେୟ ଋଣ ଟଙ୍କା ଫିରି ଆସିପାରିଛେ । ସେନ୍ତା ପ୍ରବର୍ତନ୍ ନିର୍ଦ୍ଦେଶାଳୟ ୧ ହଜାର୍ ଶହେ ୫ ଟା ବେଙ୍କ୍ ଠକେଇ ମାମ୍‌ଲାଥି ଅପରାଧୀମାନ୍‌କର୍ ଠାନୁ ୬୪ ହଜାର୍ ୯ ଶହ ୨୦ କୋଟି ଟଙ୍କା ଜପତ୍ କରିଥିବାର୍ ସେ ସୂଚ୍‌ନା ଦେଇଛନ୍ । ସେ ଆହୁରି କହିଛନ୍ ଯେ, ଇ ଭିତ୍‌ରେ ଦେଶର୍ ବେଙ୍କିଙ୍ଗ୍ କ୍ଷେତ୍ର ଖୋବ୍ ଉପଲବ୍ଧି ପାଇଛେ ଆର୍ ବେଙ୍କିଙ୍ଗ୍ କ୍ଷେତର୍ ଲାଭର୍

ପରିମାଣ୍ ୩ ଲାଖ୍ କୋଟି ଟଙ୍କାନୁ ଅଏତ୍‌କା ହେଇଥିବାର୍ କେନ୍ଦ୍ର ଅର୍ଥମନ୍ତ୍ରୀ କହିଛନ୍ ।

ଶୀତଲ୍‌ଷଷ୍ଠୀ ସମନ୍ୱୟ କମିଟି ସମ୍ବଲ୍‌ପୁର୍ ସମ୍ବାଦଦାତା

ସମ୍ବଲ୍‌ପୁରର୍ ପ୍ରସିଦ୍ଧ ଶୀତଲ୍‌ଷଷ୍ଠୀ ଯାତ୍ରା ଲାଗି ସର୍‌କାର୍ ବଜେଟ୍‌ଥି ସ୍ଥାୟୀ ଅନୁଦାନ୍ ବ୍ୟବସ୍ଥା କରୁନ୍ ବଲି ସମ୍ବଲ୍‌ପୁର୍ ମିଲିତ ଶୀତଲ୍‌ଷଷ୍ଠୀ ଯାତ୍ରା ସମନ୍ୱୟ କମିଟି ତର୍‌ଫୁ ଦାବି କରାଯାଇଛେ । ନନ୍ଦପଡ଼ା, ଝାଡୁଆପଡ଼ା ଆର୍ ମୁଦିପଡ଼ା ଯାତ୍ରାକେ ନେଇକରି ଗଢ଼ାଯାଇଥିବା କମିଟି ତର୍‌ଫୁ ଆଏଜ୍ ଗୁଟେ ସାମ୍ବାଦିକ୍ ସମ୍ମିଲନୀଥି ହେ ଦାବି ରଖାଯାଇଛେ ।

ନୂଆପଡ଼ା ଜିଲ୍ଲା ପୋତରା ନ ଥିବା ବାବା ଯୋଗେଶ୍ୱର୍ ମନ୍ଦିର୍ ନ ଶିବ-ପାର୍ବତୀଙ୍କର୍ ବିହାର୍ ଲାଗି ପ୍ରସ୍ତୁତି ଚାଲିଛେ । ହେଥିର୍‌ଲାଗି ଆଏଜ୍ ନୂଆପଡ଼ା ଓକିଲ୍ ସଂଘ ନ ଗୁଟେ ବୈଠକ୍ ହେଇଯାଇଛେ ।

ନୂଆଁ ୩୩ କେଭି ଲାଇନ୍ ବିଛା ପ୍ରେସ୍ ରିଲିଜ୍

କଲାହାଣ୍ଡି ଜିଲ୍ଲା ନ ବିଦ୍ୟୁତ୍ ସରବରାହ ଭିତିଭୂମିର୍ ଉନ୍ନତିର୍ ଲାଗି କଲମ୍‌ପୁର୍‌ନୁ ବଡ଼କୁଟ୍‌ରୁ ପ୍ରାଇମେରୀ ସବ୍‌ଷ୍ଟେସନ୍‌ତକ୍

ନୂଆଁ ୩୩ କେଭି ଲାଇନ୍ ବିଛା କାମ୍ ମୁଲ୍ ହେଇଛେ ବଲି ଟିପିଡବ୍ଲୁଓଡିଏଲ୍ ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରବୀଣ୍ ବର୍ମା ସୂଚ୍ନା ଦେଇଛନ୍ । ୪ କୋଟି ୬୩ ଲାଖ୍ ଖର୍ଚ୍ଚାଥି ହେଉଥିବା ଇ କାମ୍ ଆଏବା ସେପ୍ଟେମ୍ବର୍ ମାସ୍ତକ୍ ସରିଯିବା । ଇ କାମ୍ ପୁରା ହେଇଗଲେ ଇଲାକାର୍ ୭ ହଜାର୍ନୁ ଅଏତ୍କା ବିଦ୍ୟୁତ୍ ଉପଭୋକ୍ତା ଉପକୃତ ହେବେ ବଲି ସେ କହିଛନ୍ ।

ଭୋଟ୍ ଗନ୍ତି        ଦେବ୍ଗଡ଼୍/ବୌଦ୍ଧ ସମ୍ବାଦଦାତା

ଦେବ୍ଗଡ଼୍ ଜିଲ୍ଲା ନ ଭୋଟ୍ଗନ୍ତି ଲାଗି ପ୍ରସ୍ତୁତି ବୈଠକ୍ ଜିଲ୍ଲାପାଲ୍ ଆର୍ ଜିଲ୍ଲା ନିର୍ବାଚନ୍ ଅଧିକାରୀ ସୋମେଶ୍ କୁମାର୍ ଉପାଧ୍ୟାୟଙ୍କର୍ ଅଧ୍ୟକ୍ଷତାଥି ହେଇଯାଇଛେ । ବୈଠକ୍ନୁ ମିଳିଥିବା ସୂଚ୍ନା ଅନ୍ସାରେ ଦେବ୍ଗଡ଼୍ ପଲିଟେକ୍ନିକ୍ ଠାନେ କରାଯାଇଥିବା କାଉଂଟିଙ୍ଗ୍ ସେଂଟର୍ଥି ସମ୍ବଲ୍ପୁର୍ ଲୋକ୍ସଭା ଆର୍ ଦେବ୍ଗଡ଼୍ ବିଧାନ୍ସଭା ଆସନ୍ର ଭୋଟ୍ଗନ୍ତିର୍ ଲାଗି ୧୩ ଟା ଲେଖା ଟେବୁଲ୍ କରାଯିବା ।

ସେନ୍ତା ବୌଦ୍ଧ ଜିଲ୍ଲା ନ କନ୍ଧମାଲ୍ ଲୋକ୍ସଭା ଆର୍ ବୌଦ୍ଧ ଆର୍ କଂଟାମାଲ୍ ବିଧାନ୍ସଭା ଆସନ୍ର ଭୋଟ୍ଗନ୍ତି ବୌଦ୍ଧ ପଂଚାୟତ୍ କଲେଜ୍ ନ ହେବା ବଲି ଆମର୍ ସମ୍ବାଦଦାତା ଜନେଇଛନ୍ ।

ପାଣିପାଗ      ଆର୍‌ଏନ୍‌ୟୁ/ ସମ୍ବଲପୁର

ଦେଶର୍ ଭିନ୍ ଭିନ୍ ଇଲାକା ନ ଦକ୍ଷିଣ ପଶ୍ଚିମ ମୌସୁମୀ ବାୟୁ ପୁହୁଁଚିଥିବାର୍ ବେଲେ ରାଏଜେ ଗ୍ରୀଷ୍ମପ୍ରବାହ ଜାରି ରହିଛେ । ଆଏବା ୩ ଦିନ୍‌ତକ୍ ପଶ୍ଚିମ ଓଡ଼ିଶା ନ ଗ୍ରୀଷ୍ମପ୍ରବାହ ରହେବା ବଲି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍‌ଫୁ ସତର୍କ କରାଯାଇଛେ । ସୂଚ୍‌ନା ଅନ୍‌ସାରେ ଆଏବା କାଏଲ୍ ବର୍‌ଗଡ଼୍ ଆର୍ ବଲାଙ୍ଗିର୍ ଜିଲ୍ଲା ନ ଜବର୍ ଗ୍ରୀଷ୍ମପ୍ରବାହ ଥିତି ରହେବା ।

ଆଏଜ୍ ରାଜ୍ୟର୍ ସବୁନୁ ଜହ ତାତି ପଶ୍ଚିମ ଓଡ଼ିଶାର୍ ଟିଟିଲାଗଡ଼୍ ନ ୪୨ ଦଶ୍‌ମିକ୍ ୫ ଡିଗ୍ରୀ ସେଲ୍‌ସିଅସ୍ ରେକର୍ଡ଼୍ କରାଯାଇଥିଲା । ସେନ୍ତା ପଶ୍ଚିମ ଓଡ଼ିଶାର୍ ବାକି ଜାଗା ମାନ୍‌କୁ ଦିନର୍ ସବୁନୁ ଜହ ତାତି  ବଲାଙ୍ଗିର୍ ଆର୍ ସୋନ୍‌ପୁର୍ ନ ୪୨ ଦଶ୍‌ମିକ୍ ୩, ବୌଦ୍ଧ ନ ୪୨ ଦଶ୍‌ମିକ୍ ୧, ଭବାନୀପାଟ୍‌ନା ଆର୍ ନୂଆପଡ଼ା ନ ୪୦ ଦଶ୍‌ମିକ୍ ୫, ଝାର୍‌ସୁଗୁଡ଼ା ନ ୪୦ ଦଶ୍‌ମିକ୍ ୪ ଆର୍ ସମ୍ବଲ୍‌ପୁର୍ ନ ୪୦ ଡିଗ୍ରୀ ସେଲ୍‌ସିଅସ୍ ରହିଥିଲା ।